# Visit of External Affairs Minister to Qatar (December 27-28, 2020)

December 26, 2020

## ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ କତାର ଗସ୍ତ (27-28 ଡିସେମ୍ବର 2020)

**ଡିସେମ୍ବର 26, 2020**

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର 27-28 ଡିସେମ୍ବର 2020 ରେ କତାର ଗସ୍ତ କରିବେ। ଏହି ଗସ୍ତକାଳରେ ସେ କତାରର ଉପପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ମାନ୍ୟବର ଶେଖ ମହମ୍ମଦ ବିନ୍ ଅବଦୁଲରହମାନ ବିନ୍ ଜସିମ ଅଲ-ଥାନିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ସେ କତାରର ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ସାକ୍ଷାତ କରିବେ।

2. ବୈଦେଶିକ ବ୍ୟାପାର ମନ୍ତ୍ରୀ ଭାବରେ କତାର ଗସ୍ତ ଡକ୍ଟର ଏସ୍ ଜୟଶଙ୍କରଙ୍କ ପାଇଁ ପ୍ରଥମ ଗସ୍ତ ହେବ। ଏହି ଗସ୍ତକାଳରେ ସେ ନିଜର ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ପ୍ରସଙ୍ଗ ତଥା ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ଓ ଆନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବେ। କୋଭିଡ-19 ମହାମାରୀ ସମୟରେ ଭାରତୀୟମାନଙ୍କର ଯତ୍ନ ନେଇଥିବାରୁ ସେ କତାର ସରକାରଙ୍କୁ ବିଶେଷ କୃତଜ୍ଞତା ଜଣାଇବେ।

3. କୋଭିଡ-19 ମହାମାରୀ ସମୟରେ ଭାରତ ଓ କତାର ଉଚ୍ଚ ସ୍ତରୀୟ ସମ୍ପର୍କ ବଜାୟ ରଖିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ କତାରର ଆମିର ମହାମହିମ ଶେଖ ତମିମ ବିନ୍ ହମାଦ ଅଲ-ଥାନି ଗତ କିଛି ମାସ ମଧ୍ୟରେ ତିନିଥର ଟେଲିଫୋନରେ କଥା ହୋଇଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରୀ ଏବଂ ଅନ୍ୟ କ୍ୟାବିନେଟ ମନ୍ତ୍ରୀମାନେ ମଧ୍ୟ ନିଜ କତାର ପ୍ରତିପକ୍ଷଙ୍କ ସହ କଥା ହୋଇଛନ୍ତି।

4. ଭାରତ ଓ କତାର ଦୃଢ ଅର୍ଥନୈତିକ, ସାଂସ୍କୃତିକ ଏବଂ ଲୋକମାନଙ୍କ ମଧ୍ୟରେ ସମ୍ପର୍କକୁ ବଜାୟ ରଖିଛନ୍ତି। କତାରରେ 7 ଲକ୍ଷରୁ ଅଧିକ ଭାରତୀୟ ବସବାସ କରନ୍ତି। 2019-20 ରେ ଦ୍ୱିପାକ୍ଷିକ ବାଣିଜ୍ୟ 10.95 ବିଲିୟନ ଡ଼ଲାର ଥିଲା। ଶକ୍ତି ଓ ପୁଞ୍ଜି ବିନିଯୋଗ ସହିତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ବୃଦ୍ଧି କରିବାକୁ ଉଭୟ ପକ୍ଷ ପ୍ରତିବଦ୍ଧ ଅଟନ୍ତି। କୋଭିଡ-19 ମହାମାରୀର ମୁକାବିଲା ପାଇଁ ଏୟାର ବବଲ ବ୍ୟବସ୍ଥାରେ ଭାରତ ଓ କତାର ମଧ୍ୟ ମିଳିତ ଭାବେ କାର୍ଯ୍ୟ କରିଛନ୍ତି ଏବଂ ବିମାନ ଚଳାଚଳ ସୁଗମ କରିବାରେ ସହଯୋଗ କରିଛନ୍ତି।

**ନୂଆଦିଲ୍ଲୀ**

**ଡିସେମ୍ବର 26, 2020**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.